# ୧୯

# ଜାତୀୟ ରାଜନୈତିକ ଦଳ

ପୂର୍ବ ପାଠ୍ୟରେ ଆମ୍ଭେ ପ୍ରତିନିଧିତ୍ୱର ପଦ୍ଧତି ଓ ନିର୍ବାଚନ ଧାରା ବିଷୟରେ ପଢ଼ିଛନ୍ତି । ଏ ପାଠ୍ୟ (ଲେସନ୍)ରେ ଆମେ ରାଜନୈତିକ ଦଳ ବିଷୟରେ ପଢ଼ିବା । ପ୍ରତ୍ୟେକ ଗଣତାନ୍ତ୍ରିକ ସମାଜ ଏବଂ ପ୍ରଭୁତ୍ୱବାଦ ବ୍ୟବସ୍ଥାରେ ମଧ୍ୟ ରାଜନୈତିକ ଦଳ ଅପରିହାର୍ଯ୍ୟ ବା ଏକ ରାଜନୈତିକ ବ୍ୟବସ୍ଥାରେ ରାଜନୈତିକ ଦଳମାନେ ସାମାଜିକ ଚାହିଦା ଏବଂ ରାଷ୍ଟ୍ରୀୟ ଲକ୍ଷ୍ୟ ହାସଲ ନିମିତ୍ତ ଧାରଣା, ଅଭିମତ ଏବଂ ମାର୍ଗର ବାହକ ଅଟନ୍ତି । ରାଜନୈତିକ ଦଳ ନାଗରୀକ ଏବଂ ସରକାର, ନିର୍ବାଚନ ଏବଂ ପ୍ରତିନିଧିତ୍ୱ ଅନୁଷ୍ଠାନମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରିଥାନ୍ତି । ବାସ୍ତବରେ ଏକ ସଫଳ ଗଣତନ୍ତ୍ରର ରକ୍ଷଣାର୍ଥେ ଏକ ସୁସ୍ଥ ଦଳୀୟ ବ୍ୟବସ୍ଥାର ଯଥେଷ୍ଟ ଆବଶ୍ୟକତା ଅଛି । ରାଜନୈତିକ ଦଳମାନ ଏପରି କାର୍ଯ୍ୟ ସାଧନକାରୀ ପଦାର୍ଥ ଯାହାଦ୍ୱାରା ନାଗରୀକମାନେ ସରକାର ଗଠନ କରିଥିବା ଲୋକମାନଙ୍କୁ ବାଛିଥାଆନ୍ତି । ସେମାନେ ବିକଳ୍ପ କୌଶଳ ବା ନୀତିଗୁଡ଼ିକର ସୁଗୁଣ ଓ ବିପଦ ଦିଗ ବିଷୟରେ ବୁଝାଇ ଥାଆନ୍ତି ଏବଂ ନଗରୀକମାନଙ୍କୁ ରାଜନୈତିକ ଶିକ୍ଷା ପ୍ରଦାନ କରିଥାନ୍ତି ।

## ଉଦ୍ଦେଶ୍ୟ

ଏହି ପାଠ୍ୟ ପଢ଼ିବା ପରେ, ତୁମ୍ଭେମାନେ –

- ରାଜନୈତିକ ଦଳମାନଙ୍କର ଗୁରୁତ୍ୱ ଚିହ୍ନିପାରିବ ବା ଜାଣିପାରିବ ।
- ଭିନ୍ନ ଭିନ୍ନ ଦଳୀୟ ବ୍ୟବସ୍ଥାର ଚିହ୍ନଟ କରିପାରିବ ।
- ଭାରତ ଦଳ ବ୍ୟବସ୍ଥାର ବୈଶିଷ୍ଟ୍ୟ ଗୁଡ଼ିକୁ ଜାଣିପାରିବ ।
- ଜାତୀୟ ଏବଂ ଆଂଚଳିକ ଦଳମାନଙ୍କ ମଧ୍ୟରେ ପ୍ରଭେଦ ଜାଣି ପାରିବ ।
- ମୂଖ୍ୟ ଜାତୀୟ ଦଳମାନଙ୍କର ଆଦର୍ଶ ଓ ଲକ୍ଷ୍ୟ ବର୍ଣ୍ଣନା କରି ପାରିବ ।
- ଭାରତୀୟ ଗଣତାନ୍ତ୍ରିକ ବ୍ୟବସ୍ଥାର ରକ୍ଷଣ ନିମିତ୍ତ ଜାତୀୟ ଦଳମାନଙ୍କର ଭୂମିକା ସମ୍ପର୍କରେ ଜାଣିପାରିବ ।

## ୧୯.୧ ରାଜନୈତିକ ଦଳର ଅର୍ଥ ଏବଂ ଭୂମିକା

ମଣିଷ ସବୁବେଳେ ନିଜକୁ ଦଳ ଗଠନରେ ବା ବଡ଼ ବଡ଼ ଶୃଙ୍ଖଳିତ ଦଳ ଗଠନରେ ସଜାଡ଼ିଛି । ରାଜନୈତିକ ଦଳ ଏହିପରି ଏକ ମନୁଷ୍ୟକୃତ ସଂଗଠନରୁ ଆସିଛି । ଆଧୁନିକ ଯୁଗରେ ଏକ ଆଦର୍ଶ ସରକାର କୌଣସି ଏକ କିମ୍ବା ଅନ୍ୟ ପ୍ରକାର ପ୍ରତିନିଧି ମୂଳକ ଅନୁଷ୍ଠାନ ଦ୍ୱାରା ଚାଲିଥାଏ । ରାଜନୈତିକ ଦଳର ଆବଶ୍ୟକତା ସମସ୍ତ ପ୍ରତିନିଧି ମୂଳକ ସରକାର ଏବଂ ପ୍ରତିନିଧି ମୂଳକ ଅନୁଷ୍ଠାନରେ ଅଛି ।

ଏକ ଦେଶର ରାଜନୈତିକ ବ୍ୟବସ୍ଥାର କୌଣସି ନୀତି ଏବଂ ଲକ୍ଷ୍ୟକୁ ନେଇ ଅଂଶଗ୍ରହଣ କରୁଥିବା ଏକ ସଂଗଠନ ଜନସମୂହକୁ ରାଜନୈତିକ ଦଳ କୁହାଯାଏ । ରାଜନୈତିକ କ୍ଷମତା ଆହୋରଣ କରିବା ଏହାକୁ

ଧରି ରଖିବା ହେଉଛି ରାଜନୈତିକ ଦଳର ମୁଖ୍ୟ ଉଦ୍ଦେଶ୍ୟ । ସରକାର ଚଳାଉଥିବା ରାଜନୈତିକ ଦଳକୁ ସରକାରୀ ଦଳ କୁହାଯାଏ । ଏକ ମିଳିତ ସରକାରରେ ଏକରୁ ଅଧିକ ସରକାରୀ ଦଳ ଥାଆନ୍ତି । ଯେଉଁ ଦଳ ବିରୋଧି ଆସନରେ ବସି ସାଧାରଣତଃ ବା ନିର୍ଦ୍ଦିଷ୍ଟ ବିଷୟ ବସ୍ତୁ ଉପରେ ସରକାରୀ ଦଳ/ଦଳ ମାନଙ୍କର କାର୍ଯ୍ୟକଳାପକୁ ବିଶ୍ଳେଷଣ ବା ସମାଲୋଚନା କରିଥାଏ ତାକୁ ବିରୋଧି ଦଳ କୁହାଯାଏ । ତେଣୁ ଏକ ରାଜନୈତିକ ଦଳର ନିମ୍ନୋକ୍ତ ପ୍ରଧାନ ଲକ୍ଷଣମାନ ଆବଶ୍ୟକ ଅଟେ ।

୧। ଏହା ନିୟମ ଗତ ସଭ୍ୟପଦ ଥିବା ଏକ ସଂଗଠିତ ଜନ ସମୂହ;

୨। ଏହା ପ୍ରାଞ୍ଜଳ ଭାବେ ବିଭିନ୍ନ ନୀତି ଓ କାର୍ଯ୍ୟସୂଚୀ ମାନ ପ୍ରକାଶ କରିବା;

୩। ଏହାର ସଦସ୍ୟମାନେ ଏହାର ବିଚାରଧାରା ବା ଆଦର୍ଶ, ଦଳ ନୀତି ଏବଂ କାର୍ଯ୍ୟସୂଚୀମାନ ସହ ସହମତ ହେବା ଉଚିତ୍;

୪। ଏହା ଗଣତାନ୍ତ୍ରିକ ପଦ୍ଧତି ବା ପ୍ରକ୍ରିୟା ମଧ୍ୟମରେ କ୍ଷମତା ପାଇବା ପାଇଁ ଲକ୍ଷ୍ୟ ରଖିବା ଉଚିତ୍ ;

୫। ଏହାର ଏକ ସ୍ୱଷ୍ଟ ଏବଂ ଗ୍ରହଣୀୟ ନେତୃତ୍ୱ ଥିବା ଆବଶ୍ୟକ; ଏବଂ

୬। ଏହା ବିସ୍ତୃତ ବିଷୟ ଏବଂ ସରକାରଙ୍କ ମୁଖ୍ୟ ନୀତି ଉପରେ ଧ୍ୟାନ ଶକ୍ତି ନିୟୋଗ କରିବା ଉଚିତ୍ ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୧

ଶୂନ୍ୟସ୍ଥାନ ପୂରଣ କର :

(କ) ଏକ ରାଜନୈତିକ ଦଳ ହେଉଛି ଏକ ସଂଗଠିତ ଜନ ସମଷ୍ଟି ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ________ । (କ୍ଷମତା ଆହୋରଣ ଏବଂ ଧରି ରଖିବା / ସରକାର ଉପରେ ଚାପ ପ୍ରଦାନ କରିବା)

(ଖ) ଗୋଟିଏ ରାଜନୈତିକ ଦଳର ସଦସ୍ୟମାନେ ସାଧାରଣ ନୀତି, ଲକ୍ଷ୍ୟ ଏବଂ ଦର୍ଶନ ସହ ________ ।
(ଅଂଶ ଗ୍ରହଣ କରିଥାନ୍ତି / କରିନଥାନ୍ତି)

(ଗ) ଦଳଗୁଡ଼ିକ ________ ଏବଂ ସରକାରଙ୍କ ମଧରେ ଏକ ଯୋଗସୂତ୍ର । (ନାଗରୀକ / ଅନୁଷ୍ଠାନ)

---

## ୧୯.୨. ଦଳ ବ୍ୟବସ୍ଥାର ପ୍ରକାର ଭେଦ

ଭାରତରେ ବହୁଦଳ ବ୍ୟବସ୍ଥା ପ୍ରଚଳିତ । ଭାରତ ରାଜନୀତି ଅନେକଗୁଡ଼ିଏ ଜାତି ଓ ଆଞ୍ଚଳିକ ଦଳମାନଙ୍କ ଦ୍ୱାରା ପ୍ରଭାବିତ । ଅନେକ ଦେଶ ଅଛନ୍ତି ଯେଉଁଠି ଏକ ଦଳ କିମ୍ବା ଦ୍ୱି-ଦଳ ବ୍ୟବସ୍ଥା ପ୍ରଚଳିତ । ପୂର୍ବତନ ସୋଭିଏତ୍ ରୁଷ୍ ଏବଂ ଯୁଗୋସ୍ଲୋଭିଆରେ ଏକ ଦଳ ବ୍ୟବସ୍ଥା ପ୍ରଚଳିତ ଥିଲା । ସେହିପରି ଚୀନ୍‌ରେ ଏକ ଦଳୀୟ ବ୍ୟବସ୍ଥା ଅଛି । ପୂର୍ବରୁ ଜର୍ମାନୀରେ ନାଜି ପାର୍ଟି ବୋଲି ଗୋଟିଏ ମାତ୍ର ଦଳ ଥିଲା; ସେହିଭଳି ଇଟାଲିରେ ମଧ କେବଳ ଗୋଟିଏ ମାତ୍ର ଦଳ ଫାସିବାଦୀ ଦଳ ଭାବେ ନାମିତ ଥିଲା । ଗୋଟିଏ ଦ୍ୱି-ଦଳୀୟ ବ୍ୟବସ୍ଥାରେ ଦୁଇଟି ମୁଖ୍ୟ ରାଜନୈତିକ ଦଳ ଥାଆନ୍ତି । ଯୁକ୍ତରାଜ୍ୟ (ବ୍ରିଟେନ୍), ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ ଏବଂ ନିଉଜଲ୍ୟାଣ୍ଡରେ ଦ୍ୱି-ଦଳ ବ୍ୟବସ୍ଥା ଅଛି । ଯଦିଓ ଅନ୍ୟାନ୍ୟ ଦଳ ମାନ ଥାଆନ୍ତି, କିନ୍ତୁ ସେମାନଙ୍କର ଭୂମିକା ନଗଣ୍ୟ ବା ଗୁରୁତ୍ୱପୂର୍ଣ୍ଣ ନୁହେଁ । ଉଦାହରଣ ସ୍ୱରୂପ ବ୍ରିଟେନ୍‌ରେ ଜାଠଦଳ ଏବଂ ଶ୍ରମିକ ଦଳ ଦୁଇଟି ମାତ୍ର ମୁଖ୍ୟ ଦଳ ଅଛି । ଯୁକ୍ତରାଷ୍ଟ୍ର ଆମେରିକାର ଦୁଇଟି ମୁଖ୍ୟ ଦଳ ହେଲା — ରିପବ୍ଲିକାନ୍ ଦଳ ଏବଂ ଗଣତାନ୍ତ୍ରିକ ଦଳ । ଜାପାନ, ଫ୍ରାନ୍ସ, ଜର୍ମାନ ଏବଂ ସୁଇଜରଲ୍ୟାଣ୍ଡରେ ବହୁଦଳ ବ୍ୟବସ୍ଥା ଅଛି ।



Notes

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୨

(କ) ପୂର୍ବତନ ସୋଭିଏତ୍ ରୁଷ୍‌ରେ __________ ଥିଲା । (ଏକ-ଦଳୀୟ ବ୍ୟବସ୍ଥା / ବହୁଦଳୀୟ ବ୍ୟବସ୍ଥା)

(ଖ) ଜର୍ମାନୀରେ __________ ଅଛି । (ଦ୍ୱି-ଦଳୀୟ ବ୍ୟବସ୍ଥା / ବହୁଦଳୀୟ ବ୍ୟବସ୍ଥା)

(ଗ) ବ୍ରିଟେନ୍‌ର ଦୁଇଟି ମୁଖ୍ୟଦଳଗୁଡ଼ିକ ହେଲା __________ । (ଜାତୀ ଏବଂ ଶ୍ରମିକ ଦଳ / ଗଣତାନ୍ତ୍ରିକ ଏବଂ ଉଦାରବାଦୀ ଦଳ)

## ୧୯.୩. ଭାରତରେ ଦଳୀୟ ବ୍ୟବସ୍ଥାର ଅଭ୍ୟୁଦୟ / ଅଭ୍ୟୁତ୍‌ଥାନ

୧୮୮୫ ମସିହାରେ ଏକ ରାଜନୈତିକ ମଞ୍ଚ ଭାବେ କଂଗ୍ରେସ ଗଠନ ହେବାଠାରୁ ଭାରତରେ ଦଳୀୟ ବ୍ୟବସ୍ଥାର ସୃଷ୍ଟି । ଅନ୍ୟାନ୍ୟ ଦଳ ଏବଂ ଗ୍ରୁପ୍‌ମାନ ପରବର୍ତ୍ତୀ କାଳରେ ସୃଷ୍ଟି ହୋଇଥିଲା । ଭାରତୀରେ ଜାତୀୟ କଂଗ୍ରେସ ଉପନିବେଶ ଶାସନ ବିରୁଦ୍ଧରେ ଏବଂ ବ୍ରିଟିଶ୍ ଶାସନଠୁ ସ୍ୱାଧୀନତା ପାଇବା ପାଇଁ ଗଠନ କରାଯାଇଥିଲା ।

ସ୍ୱାଧିନତା ପରେ, ଏକ ଗଣତାନ୍ତ୍ରିକ ସମ୍ବିଧାନ ଅବଲମ୍ବନ ସହ ୧୯୫୨ରେ ସର୍ବଜନୀନ ସାବାଳକ ଭୋଟପ୍ରଥା ଆଧାରିତ ପ୍ରଥମ ସାଧରଣ ନିର୍ବାଚନ ପରୀପ୍ରେକ୍ଷୀରେ ଏକ ନୂତନ ଦଳ ବ୍ୟବସ୍ଥାର ଅଭ୍ୟୁତ୍‌ଥାନ ହୋଇଥିଲା । ପୂର୍ବ ଅଧ୍ୟାୟ / ପାଠ୍ୟରେ ଆମ୍ଭେମାନେ ସର୍ବଜନୀନ ସାବାଳକ ଭୋଟ ପ୍ରଥା ବିଷୟରେ ସମ୍ପୂର୍ଣ୍ଣ ଭାବେ ପଢ଼ିଛନ୍ତି ଓ ଜାଣିଛନ୍ତି । ସ୍ୱାଧୀନତା ପରବର୍ତ୍ତୀ ସମୟରେ ଦଳୀୟ ବ୍ୟବସ୍ଥା ଅନେକ ସ୍ତର ପର୍ଯ୍ୟନ୍ତ ଗତି କରିଛନ୍ତି ।

ପ୍ରଥମ ପର୍ଯ୍ୟାୟଟି ଏକକ ଆଧିପତ୍ୟ ଭାବେ ପରିଚିତ କାରଣ ୧୯୫୬ ରୁ ୫୯ ମଧ୍ୟରେ କେରଳକୁ ବାଦ୍ ଦେଲେ, ଉଭୟ କେନ୍ଦ୍ର ଏବଂ ରାଜ୍ୟମାନଙ୍କରେ କଂଗ୍ରେସ ହିଁ ଶାସକ ଦଳ ଭାବେ ଦେଖା ଦେଇଥିଲା । ଦ୍ୱିତୀୟ ପର୍ଯ୍ୟାୟ (୧୯୬୭-୭୫) ଭାରତରେ ବହୁଦଳୀୟ ବ୍ୟବସ୍ଥାର ଆବିର୍ଭାବ ଘଟିଥିଲା । ୧୯୬୭ର ଆଠଟି ରାଜ୍ୟରେ ବିଧାନସଭା ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟ ଘଟିଥିଲା । ପ୍ରଥମ ଥର ପାଇଁ ଏହି ରାଜ୍ୟମାନଙ୍କରେ ଅଣ କଂଗ୍ରେସ ଦଳ ଗୁଡ଼ିକ ସରକାର ଗଢ଼ିଥିଲେ । ଏହି ଦଳଗୁଡ଼ିକ ମିଳିତ ସରକାର ଗଠନ କରିଥିଲେ । କଂଗ୍ରେସ ଦଳର ବିଭାଜନ ହୋଇ କଂଗ୍ରେସ (ଓ) ଏବଂ କଂଗ୍ରେସ୍ (ଏନ୍) ସୃଷ୍ଟି ହୋଇଥିଲା । ସେ ଯାହାହେଉ, ପୁନଶ୍ଚ କଂଗ୍ରେସ ୧୯୭୧ରେ ମଧ୍ୟବର୍ତ୍ତୀ କାଳୀନ ନିର୍ବାଚନ ଜିତିବା ପରେ କେନ୍ଦ୍ରରେ ଏକ ଅଧିପତ୍ୟ ଶକ୍ତି ଭାବେ ରହିଲା । ତା'ପରେ ୧୯୭୧-୭୭ ରେ ଆସିଲା ଜରୁରୀ କାଳିନ ପର୍ଯ୍ୟାୟ ଯାହାକି ଭାରତୀୟ ଗଣତନ୍ତ୍ରରେ ପ୍ରଭୃତ୍ୱ ପର୍ଯ୍ୟାୟ ଭାବେ ପରିଚିତ ବା ଜଣା । ଜରୁରୀ କାଳୀନ ଶାସନ ଉଠିବା ପରେ ପରେ କଂଗ୍ରେସର ଅଧିପତ୍ୟର ଅବସାନ ଘଟିଥିଲା । ୧୯୭୭ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ଜନତା ଦଳ ଦ୍ୱାରା ପରାଜିତ ହୋଇଥିଲା । ଅନେକ ବିରୋଧିଦଳମାନଙ୍କ ସମ୍ମିଶ୍ରଣ ଫଳରେ ଜନତା ଦଳର ସୃଷ୍ଟି ହୋଇଥିଲା । କିନ୍ତୁ ପୁନଶ୍ଚ ୧୯୮୦ ସାଧାରଣ ନିର୍ବାଚନରେ କଂଗ୍ରେସ କ୍ଷମତାକୁ ଫେରିଲା ଏବଂ ୧୯୮୯ ପର୍ଯ୍ୟନ୍ତ କ୍ଷମତାରେ ରହିଥିଲା ।

ମୋରାର୍ଜୀ ଦେଶାଇଙ୍କ ଦ୍ୱାରା ପରିଚାଳିତ କଂଗ୍ରେସ (ଓ), ଚରଣ ସିଂହଙ୍କ ଦ୍ୱାରା ପରିଚାଳିତ ଭାରତୀୟ ଲୋକଦଳ, ଜଗଜୀବନ ରାମ ଏବଂ ଏଚ୍.ଏମ୍. ବହୁଗୁଣାଙ୍କ ଦ୍ୱାରା ପରିଚାଳିତ ଗଣତନ୍ତ୍ର ପାଇଁ କଂଗ୍ରେସ (CFD), ଜର୍ଜ ଫର୍ଣ୍ଣାଡ଼ିସ୍‌ଙ୍କ ଦ୍ୱାରା ପରିଚାଳିତ ସମାଜବାଦୀ ଦଳ ଏବଂ ଲାଲ୍‌କୃଷ୍ଣ ଆଡ଼ଭାନୀଙ୍କ ଦ୍ୱାରା ପରିଚାଳିତ ଜନସଂଘ ଆଦି ଦଳ ମାନଙ୍କ ମିଶ୍ରଣରେ ଜନତା ଦଳ ସୃଷ୍ଟି ହୋଇଥିଲା ।

୧୯୮୯ ନିର୍ବାଚନରେ ଭାରତୀୟ ଜନତା ଦଳ ଏବଂ ବାମପନ୍ଥି ଦଳର ସହଯୋଗରେ ଜାତୀୟ ସାମୁଖ୍ୟ ସରକାରରେ ଯୋଗଦେଇ ଥିଲା । କିନ୍ତୁ ଏହି ସରକାର ବା ଗଠବନ୍ଧନ ଏହାର କାର୍ଯ୍ୟକାଳ ପୂର୍ଣ୍ଣ କରିପାରିନଥିଲା ଏବଂ ୧୯୯୧ ମଇ ଏବଂ ଜୁନ୍‌ରେ ଦଶମ ଲୋକସଭା ପାଇଁ ନିର୍ବାଚନ ହୋଇଥିଲା । କଂଗ୍ରେସ ଦଳ ପୁନଶ୍ଚ କେନ୍ଦ୍ରରେ ସରକାର ଗଢ଼ିଥିଲା । ୧୯୯୬ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ଦଳ ଏକ ସଂଖ୍ୟା ଗରିଷ୍ଠ ଦଳ ଭାବେ ଅବତୀର୍ଣ୍ଣ ହୋଇ କେନ୍ଦ୍ରରେ ସରକାର ଗଢ଼ିଥିଲା । ଯେହେତୁ ଏହି ଦଳ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହାର ସଂଖ୍ୟାଗରିଷ୍ଠତା ପ୍ରମାଣ କରି ନପାରିଥିବାରୁ ଏହାକୁ ପୁନଶ୍ଚ ଇସ୍ତଫା ଦେବାକୁ ପଡ଼ିଥିଲା । କଂଗ୍ରେସ ଓ ସି.ପି.ଆଇ (ଏମ୍.)ର ବାହ୍ୟ ସମର୍ଥନରେ କେନ୍ଦ୍ରରେ ତେର ଦଳ ବିଶିଷ୍ଟ ମିଳିତ ସାମୁଖ୍ୟ ସରକାର ଗଠନ କରାଯାଇଥିଲା । କିନ୍ତୁ ଏହି ସରକାର ମଧ୍ୟ ପୂର୍ଣ୍ଣ କାର୍ଯ୍ୟକାଳ ଅବଧି ପର୍ଯ୍ୟନ୍ତ ତିଷ୍ଠି ନଥିଲା । ଯଦିଓ ୧୯୯୮ ନିର୍ବାଚନ ପରେ ଭାରତୀୟ ଜନତା ଦଳ ନେତୃତ୍ୱରେ ଗଠନ ହୋଇଥିବା ମିଳିତ ସାମୁଖ୍ୟ ସରକାର ଲୋକ ସଭାରେ ପରାସ୍ତ ହୋଇଥିଲା, ୧୯୯୯ ନିର୍ବାଚନ ଏମାନଙ୍କୁ ଏନ୍.ଡ଼ି.ଏ. ନାମରେ ଏକ ବହୁଦଳୀୟ ଗଠନବନ୍ଧନ ସରକାର ଗଠନ କରିବାରେ ସୁଯୋଗ ପ୍ରଦାନ କରିଥିଲା । ଯାହାକି ଏହାର ପୂର୍ଣ୍ଣ କାର୍ଯ୍ୟକାଳ ସମାପ୍ତି କରିଥିଲା ।

୨୦୦୪ରେ ହୋଇଥିବା ଚତୁର୍ଦ୍ଦଶ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳ ଏକକ ସଂଖ୍ୟା ଗରିଷ୍ଠତା ହାସଲ କରିଥିଲା । ଏହା ସମଭାବାପନ୍ନ ଦଳମାନଙ୍କ ସହ ସହବନ୍ଧନ କରି କେନ୍ଦ୍ରରେ ସରକାର ଗଠନ କରିଥିଲା । ଭାରତୀୟ ଦଳୀୟ ବ୍ୟବସ୍ଥାରେ ୧୯୮୯ ମସିହାରେ ଆରମ୍ଭ ହୋଇଥିବା ସ୍ତର ଯାହାକି ଏପର୍ଯ୍ୟନ୍ତ ଅବ୍ୟାହତ ରହିଛି ମିଳିତ ବା ଗଠବନ୍ଧନ ରାଜନୀତି ଭାବେ ଜଣା ବା ଅବିହିତ । କୌଣସି ଏକ ଦଳ ଏକୁଟିଆ କେନ୍ଦ୍ରରେ ସରକାର ଗଠନ କରିବାରେ ସମର୍ଥ ହେଉନାହାନ୍ତି ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୩

ଶୂନ୍ୟସ୍ଥାନ ପୂରଣ କର ।

୧। ଭାରତୀୟ ଦଳୀୟ ବ୍ୟବସ୍ଥାରେ ୧୯୫୨-୬୭ ସ୍ତର ________ ଭାବେ ଜଣା ।

୨। ୧୯୭୫ ରୁ ୧୯୭୭ ________ ପର୍ଯ୍ୟାୟ ଭାବେ ଜଣା ବା ନାମିତ ।

୩। ୧୯୭୭ ରୁ ୧୯୮୮ ଜନତା ଦଳ ସ୍ତର ________ ରାଜନୀତି ଭାବେ ଜଣା ।

୪। ମିଳିତ ସାମୁଖ୍ୟ ସରକାର ________ ଦଳମାନଙ୍କର ସମଷ୍ଟି ଅଟେ ।

## ୧୯.୪ ଜାତୀୟ ଦଳ ଏବଂ ଆଞ୍ଚଳିକ ଦଳ

ଭାରତରେ ଦୁଇ ପ୍ରକାର ରାଜନୈତିକ ଦଳ ଅଛନ୍ତି — ଜାତୀୟ ଦଳ ଏବଂ ଆ*ଳିକ ଦଳ । ଜାତୀୟ ଦଳମାନ ହେଉଛନ୍ତି ଯାହାର ପ୍ରଭାବ ସମସ୍ତ ଦେଶରେ ଥାଏ । ଏହା ନୁହେଁ କି ସମସ୍ତ ରାଜ୍ୟମାନଙ୍କରେ ଗୋଟିଏ ଜାତୀୟ ଦଳର ଦୃଢ଼ତା ବା ସ୍ଥିତି ସମାନ ରହିବା ଆବଶ୍ୟକ ଏହାର ପ୍ରଭେଦ ରାଜ୍ୟରୁ ରାଜ୍ୟ ମଧ୍ୟରେ ଦେଖାଦେଇଥାଏ । ଏକ ସୂତ୍ର ବା ଧାରା ଭିତ୍ତିରେ ଏକ ଦଳ ନିର୍ବାଚନ ଆୟୋଗ ଦ୍ୱାରା ଜାତୀୟ ଦଳ ଭାବେ ସ୍ୱୀକୃତି ପାଇଥାଏ । ଯେଉଁ ରାଜନୈତିକ ଦଳ ପୂର୍ବ ସାଧାରଣ ନିର୍ବାଚନରେ ଅତିକମ୍‌ରେ ଚାରୋଟି ରାଜ୍ୟରେ ସମସ୍ତ ବୈଧ ମତଦାନର ଶତକଡ଼ା ଚାରିପ୍ରତିଶତ ରୁ ଅଧିକ ମତଦାନ ପ୍ରାପ୍ତ କରିଥିବ, ସିଏ ଏକ ଜାତୀୟ ଦଳର ସ୍ଥିତି ବା ମର୍ଯ୍ୟାଦା ହାସଲ କରେ ।

ଜାତୀୟ ରାଜନୈତିକ ଦଳମାନଙ୍କର ସଂଖ୍ୟାରେ ପରିବର୍ତ୍ତନ ଘଟୁଅଛି । ୨୦୦୬ ମସିହାରେ ଜାତୀୟ ଦଳଗୁଡ଼ିକ ହେଲେ; ଭାରତୀୟ ଜାତୀୟ କଂଗ୍ରେସ, ଭାରତୀୟ ଜନତା ପାର୍ଟି, ଭାରତୀୟ ସାମ୍ୟବାଦୀ ଦଳ (ମାର୍କ୍ସବାଦୀ), ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ.), ବହୁଜନ ସମାଜ ଦଳ ଏବଂ ଜାତୀୟତା ବାଦୀ କଂଗ୍ରେସ ଦଳ ।

ସେ ଯାହାହେଉ, ଭାରତରେ ଅନ୍ୟ ଦଳମାନ ଅଛନ୍ତି, ଯେଉଁମାନଙ୍କର ପ୍ରଭାବ ଜାତୀୟ ସ୍ତରରେ ନାହିଁ; ସେମାନଙ୍କର କାର୍ଯ୍ୟକଳାପ ଓ ପ୍ରଭାବ ନିର୍ଦ୍ଦିଷ୍ଟ ରାଜ୍ୟ ବା ଅଂଚଳରେ ସୀମିତ । ସମୟ ସମୟରେ ଏକ ନିର୍ଦ୍ଦିଷ୍ଟ ଅ*ଳର ଦାବୀ ଉଠାଇବାକୁ ନେଇ ଏହି ଦଳଗୁଡ଼ିକ ଗଠନ ହୋଇଥାନ୍ତି । ଏହି ଦଳଗୁଡ଼ିକ ଦୁର୍ବଳ ନୁହନ୍ତି କି କ୍ଷଣସ୍ଥାୟୀ ନୁହଁନ୍ତି । ବେଳେବେଳେ ସେମାନେ ନିଜ ନିଜ ଅ*ଳରେ ନିଜକୁ ଅତି ଶକ୍ତିଶାଳୀ ବୋଲି ପ୍ରମାଣିତ କରିଥାନ୍ତି । ଏମାନଙ୍କୁ ଆ*ଳିକ ଦଳ ବୋଲି କୁହାଯାଏ । ପ୍ରମୁଖ ଆ*ଳିକ ଦଳଗୁଡ଼ିକ ହେଲେ; ତାମିନାଡୁର ଏ.ଆଇ.ଡ଼ି.ଏମ୍.କେ., ଡି.ଏମ୍.କେ, ଜାମ୍ମୁ କାଶ୍ମୀରର ନ୍ୟାସନାଲ କନ୍‌ଫରେନ୍‌ସ, ଝାଡ଼ଖଣ୍ଡର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା, ଆସମର ଆସାମ ଗଣ ପରିଷଦ ଓ ମହାରାଷ୍ଟ୍ରର ଜାତୀୟ ବାଦୀ କଂଗ୍ରେସ ଦଳ, ଶିବସେନା । ଆ*ଳିକ ଦଳ ବିଷୟରେ ତୁମେ ନିମ୍ନୋକ୍ତ ପାଠ୍ୟ ପଢ଼ିବ ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୪

**ଶୂନ୍ୟସ୍ଥାନ ପୂରଣ କର ।**

(କ) ଜାତୀୟ ଦଳ ________ ରାଜ୍ୟରେ ସମସ୍ତ ବୈଧ ମତଦାନର ଚାରି ପ୍ରତିଶତ ମତଦାନ ପାଇବା ଆବଶ୍ୟକ ବା ଉଚିତ୍ । (ଚାରି / ପାଞ୍ଚ)

(ଖ) ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ.) ଏକ ________ ଦଳ । (ଜାତୀୟ / ଆ*ଳିକ)

(ଗ) ଡି.ଏମ୍.କେ ଏକ ________ ଦଳ ଅଟେ । (ଜାତୀୟ / ଆ*ଳିକ)

(ଘ) ନ୍ୟାସ୍‌ନାଲ୍ କନ୍‌ଫରନ୍‌ସ ଏକ ________ ଦଳ । (ଜାତୀୟ / ଆ*ଳିକ)

## ୧୯.୫ ଭାରତର ପ୍ରମୁଖ ଜାତୀୟ ଦଳ

### ୧। ଭାରତୀୟ ଜାତୀୟ କଂଗ୍ରେସ :

ତୁମେ ଆଗରୁ ପଢ଼ିଛ ଯେ, ଭାରତୀୟ ଜାତୀୟ କଂଗ୍ରେସ ୧୮୮୫ ମସିହାରେ ବମ୍ବେଠାରେ ଗଠନ ହୋଇଥିଲା । ଉମେଶ ଚନ୍ଦ୍ର ବାନାର୍ଜୀ ଭାରତୀୟ ଜାତୀୟ କଂଗ୍ରେସର ପ୍ରଥମ ସଭାପତି ଥିଲେ । ପ୍ରାରମ୍ଭରୁ କଂଗ୍ରେସ ମୁଖ୍ୟତଃ ବ୍ରିଟିଶ୍ ଔପନିବେଶିକ ଶାସନରେ ରାଜନୈତିକ ସଂସ୍କାର ଆଣିବା ଲକ୍ଷ୍ୟ ନେଇ ମଧ୍ୟବିତ୍ତ ଶ୍ରେଣୀର ବୁଦ୍ଧିଜୀବୀମାନଙ୍କର ଏକ ସଂଗଠନ ଥିଲା । ଦୁଇ ଦଶନ୍ଧି ବେଳକୁ କଂଗ୍ରେସ ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଏକ ଜନ ସଂଗଠନରେ ପରିଣତ ହୋଇଥିଲା । ଏହି ଦଳ ଧିରେ ଧିରେ ଜନ ସମର୍ଥନ ଲାଭ କରି ସ୍ୱାଧୀନତା ସଂଗ୍ରାମରେ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥିଲା ।

ସ୍ୱାଧୀନତା ପରେ ପଣ୍ଡିତ ଜବାହରଲାଲ୍ ନେହେରୁ ଭାରତର ପ୍ରଧାନମନ୍ତ୍ରୀ ହେଲେ ଏବଂ ୧୯୬୪ ଅର୍ଥାତ୍ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ କଂଗ୍ରେସର ନେତୃତ୍ୱ ନେଇଥିଲେ । ଏହାର ପୂର୍ବ ଅନୁଚ୍ଛେଦରେ ଦର୍ଶାଯାଇଛି ଯେ ଏହାକୁ 'ନେହେରୁ ଯୁଗ' ବୋଲି କୁହାଯାଏ । କଂଗ୍ରେସ ଦଳ ପ୍ରଥମ ପାଞ୍ଚଟି ସାଧାରଣ ନିର୍ବାଚନ ଯଥା, ୧୯୫୨, ୧୯୫୭, ୧୯୬୨, ୧୯୬୭ ଏବଂ ୧୯୭୧ ସାଧାରଣ ନିର୍ବାଚନ ଜିତିଥିଲା । ୧୯୭୫





ମସିହାରେ ଜାତୀୟ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଥିଲା ଯାହା ୧୯୭୭ ପର୍ଯ୍ୟନ୍ତ ଜାରି ରହିଥିଲା । ସେ ଯାହା ହେଉ, ୧୯୮୦ ସାଧାରଣ ନିର୍ବାଚନରେ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କ୍ଷମତାକୁ ଫେରିଥିଲା । ୧୯୮୪ରେ ଇନ୍ଦିରା ଗାନ୍ଧୀଙ୍କର ହତ୍ୟା ହୋଇଥିଲା । ଏବଂ ୧୯୮୫ ସାଧାରଣ ନିର୍ବାଚନ ସମୟରେ ରାଜୀବ ଗାନ୍ଧୀ ଦଳର ନେତା ଥିଲେ । କଂଗ୍ରେସ, ୧୯୮୫ ସାଧାରଣ ନିର୍ବାଚନରେ କଂଗ୍ରେସ ଅଧିକ ସଂଖ୍ୟାଗରିଷ୍ଠତା ସହ ବିଜୟ ଲାଭ କରିଥିଲା । ୧୯୮୯ରେ କଂଗ୍ରେସ ଯଦିଓ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିପାରିନଥିଲା, ଏହା କିନ୍ତୁ ଏକକ ସଂଖ୍ୟାଗରିଷ୍ଠ ଦଳ ଥିଲା । ୧୯୯୧ରେ, ଦଶମ ସାଧାରଣ ନର୍ବାଚନରେ କଂଗ୍ରେସ ପୁନଶ୍ଚ ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ଅବତୀର୍ଣ୍ଣ ହୋଇ କେନ୍ଦ୍ରରେ ସରକାର ଗଢ଼ିଥିଲା । ୧୯୯୬ ସାଧାରଣ ନିର୍ବାଚନରେ କଂଗ୍ରେସ କେନ୍ଦ୍ରରେ ସରକାର କରି ପାରନିଥିଲା । ୧୯୯୮ରେ ହୋଇଥିବା ଦ୍ୱାଦଶ ସାଧାରଣ ନିର୍ବାଚନରେ କଂଗ୍ରେସ କେବଳ ୧୪୦ଟି ଲୋକସଭା ଆସନ ଜିତିଥିଲା । ୧୯୯୯ ସାଧାରଣ ନିର୍ବାଚନରେ କଂଗ୍ରେସର ସାମର୍ଥ୍ୟ ଆହୁରି ହ୍ରାସ ପାଇ ୧୧୨କୁ ଆସିଥିଲା । କିନ୍ତୁ ଚତୁର୍ଦ୍ଦଶ ସାଧାରଣ ନିର୍ବାଚନରେ କଂଗ୍ରେସ ଅନ୍ୟ ଧର୍ମନିରପେକ୍ଷ ଦଳମାନଙ୍କ ସହ ସହବନ୍ଧନ କରିଥିଲା ଏବଂ କେତେକ ସଂଖ୍ୟକ ଆସନ ଜିତିଥିଲା ଯାହା ଏହାକୁ ଏକ ମିଳିତ ସରକାର ଗଠନ କରିବାକୁ ସୁଯୋଗ ପ୍ରଦାନ କରିଥିଲା ।

### ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୫

**ଶୂନ୍ୟସ୍ଥାନ ପୂରଣ କର ।**

୧। ଭାରତୀୟ ଜାତୀୟ କଂଗ୍ରେସ ________ ମସିହାରେ ଗଠନ ହୋଇଥିଲା ।

(୧୮୮୫ / ୧୮୯୫ / ୧୯୭୫)

୨। ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ ________ ସଂଗଠନ ଭାବେ ପରିଚିତ ହୋଇଥିଲା ।

(ସାଧାରଣ ଜନତା, ନରମପନ୍ଥି / ଧନିକ ଗୋଷ୍ଠୀ)

୩। ଜାତୀୟ ଜରୁରୀକାଳୀନ ପରିସ୍ଥିତି ________ ମସିହାରେ ଘୋଷଣା କରାଯାଇଥିଲା ।

(୧୯୭୫ / ୧୯୭୬ / ୧୯୭୭)

---

## ୨। ଭାରତୀୟ ଜନତା ପାର୍ଟି (ଭା.ଜ.ପା)

ଭାରତୀୟ ଜନତା ଦଳ ୧୯୮୦ ମସିହାରେ ଗଠନ କରାଯାଇଥିଲା । ତା' ପରଠୁଁ ଏହାର ପ୍ରଭାବ ହିନ୍ଦୀ ଭାଷାଭାଷୀ ଅଂଚଳ, ଗୁଜୁରାତ ଏବଂ ମହାରାଷ୍ଟ୍ର ଆଦି ରାଜ୍ୟମାନଙ୍କରେ ବଢ଼ାଇ ଥିଲା । ୧୯୮୯ ଠାରୁ ଏହି ଦଳ ଦକ୍ଷିଣ ଭାରତକୁ ମଧ ଏହାର ଭିତ୍ତି ବା ସ୍ଥିତି ବଢ଼ାଇବାର ଚେଷ୍ଟା ପ୍ରୟାସ ରଖି ଆସିଅଛି । ଭାରତୀୟ ଜନତା ଦଳ ୧୯୮୦ରେ ଏହାର ଗଠନ ହେବା ଠୁଁ ଲୋକସଭାରେ ଏହାର ଆସନ ସଂଖ୍ୟା ଧିରେ ଧିରେ ବଢ଼ାଇ ଚାଲିଛି ।୧୯୮୪ ସାଧାରଣ ନିର୍ବାଚନରେ ଏହା ଦୁଇଟି ମାତ୍ର ଆସନ ଲାଭ କରିଥିଲା । ୧୯୮୯ରେ ଏହାର ଆସନ ସଂଖ୍ୟା ୮୮କୁ ବୃଦ୍ଧି ପାଇଥିଲା । ୧୯୯୧ ସାଧାରଣ ନିର୍ବାଚନରେ ଲୋକସଭାରେ ଭାଜପାର ସାମର୍ଥ୍ୟ ୧୨୨କୁ ବଢ଼ିଥିଲା ଯାହାକି ୧୯୯୬ ନିର୍ବାଚନରେ ୧୬୧କୁ ବୃଦ୍ଧି ପାଇଥିଲା । ୧୯୯୮ରେ ଏହି ଦଳ ୧୮୦ ଟି ଆସନ ଜିତିଥିଲା ଏବଂ ୧୯୯୯ରେ ଲୋକସଭାରେ ଏହାର ଆସନ ସଂଖ୍ୟା ୧୮୨କୁ ବୃଦ୍ଧି ପାଇଥିଲା । ୧୯୯୯ ସାଧାରଣ ନିର୍ବାଚନରେ ଭାଜପା ଜାତୀୟ ଗଣତାନ୍ତ୍ରିକ ସହବଂନ୍ଧନ (ଏନ୍.ଡ଼ି.ଏ.)ର ଏକ ଅଂଶୀଦାର ଭାବେ ନିର୍ବାଚନ ଲଢ଼ିଥିଲା । ୨୦୦୪ ସାଧାରଣ ନିର୍ବାଚନରେ ଭାଜପା ଏନ୍.ଡ଼ି.ଏ.ର ଏକ


Notes

ଅଂଶୀଦାର ଭାବେ ଆବଶ୍ୟକ ସଂଖ୍ୟାଗରିଷ୍ଠତା ହାସଲ କରିପାରି ନଥିଲା । ଏହା ବିରୋଧି ଦଳର ଭୂମିକା ଲିଭାଉ ଅଛି । ଭାଜପା ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦଳ ଭାବେ ଆବିର୍ଭାବ ହୋଇଛି ସତ କିନ୍ତୁ ଏ ପର୍ଯ୍ୟନ୍ତ ଏହାର ସମର୍ଥନର ଭିତ୍ତି ସର୍ବଭାରତୀୟ ସ୍ତରକୁ ପରିବ୍ୟାପ୍ତ ହେବା ପରିବର୍ତ୍ତେ କେତେକ ନିର୍ଦ୍ଦିଷ୍ଟ ଅଂଚଳରେ ସୀମିତ ଅଛି ।

## ୩। ବାମପନ୍ଥୀ (ସାମ୍ୟବାଦୀ) ଦଳ :

ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ.) ଏବଂ ଭାରତୀୟ ସାମ୍ୟବାଦୀ ଦଳ (ମାର୍କ୍ସବାଦୀ) ହେଉଛନ୍ତି ଦୁଇଟି ସାମ୍ୟବାଦୀ ଦଳ । କଂଗ୍ରେସ ପରେ ସାମ୍ୟବାଦୀ ଦଳ ହେଉଛନ୍ତି ଭାରତର ପୁରୁଣା ରାଜନୈତିକ ଦଳ । ଦ୍ୱିତୀୟ ଦଶନ୍ଧିର ପ୍ରାରମ୍ଭରେ ସାମ୍ୟବାଦୀ ଆନ୍ଦୋଳନ ଆରମ୍ଭ ହୋଇଥିଲା ଏବଂ ୧୯୨୫ ମସିହାରେ ସାମ୍ୟବାଦୀ ଦଳର ସ୍ଥାପନ ହୋଇଥିଲା । ଯଦିଓ ଏହିଦଳର କଂଗ୍ରେସ ସହ ବାରମ୍ବାର ସାଂଘାତିକ ଭେଦ ବା ମତ ପାର୍ଥକ୍ୟ ଆତ୍ମ ଅବିଶ୍ୱାସ ଦେଖା ଦେଇଥିଲା ତଥାପି ସାମ୍ୟବାଦୀମାନେ ଜାତୀୟ ଆନ୍ଦୋଳନରେ ଯୋଗ ଦେଇଥିଲେ ବା ଅଂଶଗ୍ରହଣ କରିଥିଲେ । ସାମ୍ୟବାଦୀମାନଙ୍କର ଦୃଢ଼ ଦାବୀ ଥିଲା ଯେ ସମାଜରେ ଲୋକମାନେ ଧନୀ ଓ ଗରିବ ଶ୍ରେଣୀରେ ବିଭାଜିତ ନହୋଇ ଅର୍ଥନୈତିକ ଦୃଷ୍ଟିରୁ ସମସ୍ତେ ସମାନ ହେବା ଉଚିତ୍ । ଶ୍ରମିକ, ଚାଷୀ ଓ ଅନ୍ୟାନ୍ୟ ପରିଶ୍ରମୀ ମଜୁରିଆ ଯେଉଁମାନେ ସମାଜ ପାଇଁ ପ୍ରାୟ ଉତ୍ପାଦନକ୍ଷମ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଉପଯୁକ୍ତ ସ୍ୱୀକୃତି ଓ କ୍ଷମତା ଦେବା ଉଚିତ୍ ।

ନେହେରୁ ଯୁଗର ସବୁସମୟରେ ସାମ୍ୟବାଦୀମାନେ ଲୋକସଭାରେ ମୁଖ୍ୟ ବିରୋଧି ଦଳ ଭାବେ ଥିଲେ । ପ୍ରଥମ ଲୋକସଭାରେ ସେମାନଙ୍କର ୨୬ ଜଣ ସଦସ୍ୟ ଥିଲେ । ଦ୍ୱିତୀୟ ଏବଂ ତୃତୀୟ ଲୋକସଭାରେ ସେମାନଙ୍କର ସଦସ୍ୟ ସଂଖ୍ୟା କ୍ରମାନ୍ୱୟରେ ୨୭ ଏବଂ ୨୯ ଥିଲା । ୧୯୫୭ରେ ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ.) କେରଳ ବିଧାନସଭା ନିର୍ବାଚନରେ ବହୁମତ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା ଏବଂ ଭାରତରେ ପ୍ରଥମ ସାମ୍ୟବାଦୀ ସରକାର ଗଢ଼ିଥିଲା । ୧୯୬୨ ଚୀନ୍ ଆକ୍ରମଣ ପରେ ସାମ୍ୟବାଦୀ ଦଳର ସଭ୍ୟମାନଙ୍କ ମଧ୍ୟରେ ଗୁରୁତର ବା ଗମ୍ଭୀର ମତପାର୍ଥକ୍ୟ ଦେଖା ଦେଇଥିଲା । ଯାହାଫଳରେ ଦଳ ଦୁଇଭାଗ ହୋଇଥିଲା । ଯେଉଁମାନେ ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ)ଠୁ ଅଲଗା ହୋଇଗଲେ ସେମାନେ ୧୯୬୪ ମସିହାରେ ଭାରତୀୟ ସାମ୍ୟବାଦୀ ଦଳ (ମାର୍କ୍ସବାଦୀ) ଗଠନ କଲେ । ଏହି ସି.ପି.ଆଇ (ଏମ୍.) ଦଳ ଯଦିଓ ଏହାର ଉପସ୍ଥିତି ଆନ୍ଧ୍ର ପ୍ରଦେଶ, ଆସାମ, ବିହାର, ମହାରାଷ୍ଟ୍ର, ଓଡ଼ିଶା ଓ ପଞ୍ଜାବ ଆଦି ପ୍ରଦେଶମାନଙ୍କରେ ପଞ୍ଜୀକୃତ କରିସାରିଥିଲା ମାତ୍ର ପଶ୍ଚିମବଙ୍ଗ, ତ୍ରିପୁରା ଏବଂ କେରଳ ଏହାର ମୁଖ୍ୟ ସମର୍ଥନ କ୍ଷେତ୍ର ଭାବେ କେନ୍ଦ୍ରୀଭୂତ ଥିଲା । ସି.ପି.ଆଇ. ଦଳ ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ, ଆସାମ, ବିହାର, ମଣିପୁର, ଓଡ଼ିଶା, ପଣ୍ଡିଚେରୀ, ପଞ୍ଜାବ ଆଦି ରାଜ୍ୟମାନଙ୍କରେ କିଛି କିଛି ଅଞ୍ଚଳରେ ବଜାୟ ରଖିଥିଲା । ଆଉ ମଧ ସି.ପି.ଆଇ. କେରଳ ଓ ପଶ୍ଚିମବଙ୍ଗ ରେ ବାମପନ୍ଥି ମିଳିତ ଗଠନବନ୍ଧନରେ ଅଂଶୀଦାର ଥିଲା । ୨୦୦୪ ଲୋକସଭା ନିର୍ବାଚନରେ ଉଭୟ ସି.ପି.ଆଇ ଓ ସି.ପି.ଆଇ(ଏମ୍.) କଂଗ୍ରେସ ଗଠନବନ୍ଧନର ଅଂଶୀଦାର ଦଳ ଭାବେ ଥିଲେ । ଏମାନେ ୟୁ.ପି.ଏ ସରକାରକୁ ବାହାରୁ ସମର୍ଥନ ଦେଇଥିଲେ ।

## ୪। ବହୁଜନ ସମାଜ ଦଳ (ବି.ଏସ୍.ପି.)

ବହୁଜଜନ ସମାଜ ଦଳ ୧୯୯୬ ମସିହାରେ ଜାତୀୟ ଦଳର ମାନ୍ୟତା ପାଇଥିଲା । ବହୁଜନ ସମାଜପାର୍ଟି ସମାଜର ସେହି ବର୍ଗ ଯେଉଁମାନେ କି ନୀଚଜାତି, ବଞ୍ଚିତ ଗୋଷ୍ଠୀ ଏବଂ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କ ନିମନ୍ତେ କାର୍ଯ୍ୟକରେ । ବାସ୍ତବରେ ଭାରତୀୟ ସମାଜରେ ଏହିବର୍ଗର ଲୋକମାନେ (ବହୁଜନ ସମାଜ ଗଠନ କରନ୍ତି) ଭାରତୀୟ ଜନସଂଖ୍ୟାର ସଂଖ୍ୟା ଗରିଷ୍ଠ ଅଟନ୍ତି । ଏହି ଦଳ ବିଶ୍ୱାସ କରେ ଯେ ଏହି



Notes

ବହୁଜନ ସମାଜ ନିଜର ସରକାର ଗଠନ କରି ଉଚ୍ଚଜାତିର ଶୋଷଣରୁ ମୁକ୍ତ ହେବା ଉଚିତ୍ । ବହୁଜନ ସମାଜ ପାର୍ଟି ମଧ୍ୟ ପ୍ରଦେଶ, ଉତ୍ତର ପ୍ରଦେଶ ଏବଂ ପଞ୍ଜାବ ଆଦି ରାଜ୍ୟମାନଙ୍କରେ ଏହାର ପ୍ରଭାବ ବିସ୍ତାର କରିଛି । ୧୯୯୫ ଏବଂ ୧୯୯୭ ମସିହାରେ ବହୁଜନ ସମାଜ ଦଳ ଉତ୍ତରପ୍ରଦେଶର ମିଳିତ ସରକାରରେ ଅଂଶୀଦାର ଥିଲା ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀ ୧୯.୬

**ଶୂନ୍ୟସ୍ଥାନ ପୂରଣ କର ।**

(କ) ୧୯୮୪ ସାଧାରଣ ନିର୍ବାଚନରେ ଭାରତୀୟ ଜନତା ଦଳ ________ଟି ଆସନ ଲାଭ କରିଥିଲା ବା ଜିତିଥିଲା । (୨, ୩, ୪)

(ଖ) ଭାରତୀୟ ସାମ୍ୟବାଦୀ ଦଳ (ସି.ପି.ଆଇ) ________ ରାଜ୍ୟରେ ଏହାର ପ୍ରଥମ ରାଜ୍ୟ ସରକାର ଗଠନ କରିଥିଲା । (କେରଳ, ପଶ୍ଚିମ ବଙ୍ଗ, ଆନ୍ଧ୍ର ପ୍ରଦେଶ)

(ଗ) ବହୁଜନ ସମାଜ ଦଳ ________ ରାଜରେ ପ୍ରଭାବ ବିସ୍ତାର କରିପାରିଛି ।

(ଉତ୍ତର ପ୍ରଦେଶ, ଆନ୍ଧ୍ର ପ୍ରଦେଶ, ପଶ୍ଚିମ ବଙ୍ଗ)

## ତୁମେ କ'ଣ ଶିଖିଲ

ଏହି ପାଠ୍ୟ ବା ଅଧ୍ୟାୟରେ ତୁମେ ଭାରତରେ ରାଜନୈତିକ ଦଳ ବିଷୟରେ ଜାଣିଲ । ଭାରାତୀୟ ଗଣତନ୍ତ୍ରକୁ ବଂଚାଇ ରଖି ଥିବା ରାଜନୈତିକ ଦଳମାନଙ୍କର ଅର୍ଥ ଏବଂ ଭୂମିକା ବିଷୟରେ ବର୍ଣ୍ଣନା କରାଯାଇଛି ଦଳୀୟ ବ୍ୟବସ୍ଥାର ଏକ ସଠିକ୍ ଦୃଶ୍ୟ ବା ପ୍ରତିଛବି ଦେବା ପାଇଁ ବିଭିନ୍ନ ପ୍ରକାର ରାଜନୈତିକ ଦଳଙ୍କ ଉପରେ ଆଲୋଚନା କରାଯାଇଛି । ଭାରତରେ ଦଳୀୟ ବ୍ୟବସ୍ଥାର ଉତ୍ପତ୍ତି ବିଷୟରେ ବିବରଣୀ ପ୍ରଦାନ କରାଯାଇଛି । ଜାତୀୟ ଓ ଆଂଚଳିକ ଦଳମାନଙ୍କର ସଂକ୍ଷିପ୍ତ ସଂଜ୍ଞା ନିରୂପଣ ପରେ କଂଗ୍ରେସ, ଭାରତୀୟ ଜନତା ଦଳ, ସାମ୍ୟବାଦୀ ଦଳ ଏବଂ ବହୁଜନ ସମାଜ ପାର୍ଟି ଆଦି ମୁଖ୍ୟ ଜାତୀୟ ଦଳମାନଙ୍କ ଉପରେ ଆଲୋକପାତ / ରେଖାପାତ କରାଯାଇଛି ।

## ପାଠ୍ୟାନ୍ତ ଅଭ୍ୟାସ

୧। ଏକ ରାଜନୈତିକ ଦଳର ଆବଶ୍ୟକୀୟ ଚରିତ୍ର ଗୁଡ଼ିକ ବର୍ଣ୍ଣନା କର ।

୨। ଭାରତର ମୁଖ୍ୟ ରାଜନୈତିକ ଦଳମାନଙ୍କ ଉପରେ ଆଲୋଚନା କର ।

## ବିଷୟ ଭିତ୍ତିକ ପ୍ରଶ୍ନାବଳୀର ଉତ୍ତର

**୧୯.୧**

(କ) କ୍ଷମତା ଆହୋରଣ

(ଖ) ଭାଗ ବା ଅଂଶ

(ଗ) ନାଗରୀକ

**୧୯.୨**

(କ) ଏକ-ଦଳୀୟ ବ୍ୟବସ୍ଥା

(ଖ) ବହୁ-ଦଳୀୟ ବ୍ୟବସ୍ଥା

(ଗ) ଜାଠ ଦଳ ଏବଂ ଶ୍ରମିକ ଦଳ

**୧୯.୩**

(କ) ଏକ-ଦଳୀୟ ଆଧିପତ୍ୟ

(ଖ) ପ୍ରଭୁତ୍ୱବାଦୀ

(ଗ) ମିଳିତ ରାଜନୀତି

(ଘ) ତେର

**୧୯.୪**

(କ) ଚାରି

(ଖ) ଜାତୀୟ

(ଗ) ଆଞ୍ଚଳିକ

(ଘ) ଆଞ୍ଚଳିକ

**୧୯.୫**

(କ) ୧୮୮୫

(ଖ) ସାଧାରଣ ଜନତା

(ଗ) ୧୯୭୫

**୧୯.୬**

(କ) ୨ୟ

(ଖ) କେରଳ

(ଗ) ଉତ୍ତର ପ୍ରଦେଶ

## ପାଠ୍ୟାନ୍ତ ଅଭ୍ୟାସ ପାଇଁ ସୂଚନା

**୧। ଭାଗ ୧୯.୩କୁ ଦେଖ।**

**୨। ଭାଗ ୧୯.୫କୁ ଦେଖ।**



Notes

## ଆସ କୈଶୋରାବସ୍ଥା ବିଷୟରେ ଚିନ୍ତା କରିବା ବା ଜାଣିବା

ଆମର ଜୀବନ ଦକ୍ଷତା କିଭଳି ବଢ଼ାଇ ପାରିବା ।

- ନିଜକୁ ବୁଝିବା ଓ ନିଜ ବିଷୟରେ ଭଲଟା ଅନୁଭବ କରିବା । ନିଜ ଉପରେ ବିଶ୍ୱାସ ରଖିବା ଏବଂ ନିଜର ସାମର୍ଥ୍ୟ ଓ ଦୁର୍ବଳତାକୁ ବୁଝିବା । ନିଜର ଆତ୍ମ ସମ୍ମାନ ଜ୍ଞାନ ରହିବା ନିହାତି ଉଚିତ୍ ।
- ଜୀବନ ପ୍ରତି ସାକାରତ୍ମକ ମନୋଭାବ ରଖ । ଆନନ୍ଦିତ ବା ସୁନ୍ଦର ନହୋଇଥିବା ଅନୁଭୂତିରୁ ମଧ୍ୟ ଜାଣିବା ବା ଶିଖିବା ପାଇଁ ପ୍ରସ୍ତୁତ ରୁହ ।
- କଠିନ ପରିସ୍ଥିତିରେ, ସମସ୍ୟାର କାରଣକୁ ଚିହ୍ନଟ କର । ମିଳୁଥିବା ସର୍ବୋତ୍କୃଷ୍ଟ ସମାଧାନର ବାଟ ଖୋଜି ବାହାର କର ।
- ତୁମର ଚିନ୍ତା ବା ଉଦ୍‌ବେଗକୁ ଅନ୍ୟମାନଙ୍କ ସହ ବାଣ୍ଟ ଏବଂ ଆବଶ୍ୟକ ସ୍ଥଳେ ସମୟାନୁବର୍ତ୍ତୀ ସାହାଯ୍ୟ ନିଅ ।
- ଏକ ସୁସ୍ଥ ଜୀବନ ଶୈଳୀକୁ ଆପଣାଅ ଏବଂ ଦାୟିତ୍ୱବାନ ନିର୍ଣ୍ଣୟ ନିଅ ।
- ନିର୍ଭରଯୋଗ୍ୟ ତଥ୍ୟ ବା ସୂଚନା ପାଇବା ପାଇଁ ଚେଷ୍ଟା କର । ସୂଚନା ଭିତ୍ତିକ ପସନ୍ଦ ଓ ନିର୍ଣ୍ଣୟ ନିଅ ।
- ତୁମର ନିର୍ଣ୍ଣୟ ଓ କାର୍ଯ୍ୟକଳାପର କୁପରିଣାମ ବିଷୟରେ ଭଲ ଭାବରେ ଚିନ୍ତା କର ।
- ଅନ୍ୟମାନଙ୍କ ଅନୁଭୂତିରୁ ଶିଖ ବା ଜାଣ – ଅନ୍ୟମାନଙ୍କ ଭୂଲ୍‌ରୁ ଆମେ ଉତ୍ତମ ଶିକ୍ଷା କରି ଲାଭବାନ ହୋଇପାରିବା ।
- ତୁମ ଉପରେ ଥିବା ଚାପକୁ ସୁପରିଚାଳନା ପାଇଁ ଅନ୍ୟମାନଙ୍କ ସହବାଣ୍ଟ ଏବଂ ଆବଶ୍ୟକ ସ୍ଥଳେ ପିତାମାତା, ଶିକ୍ଷକ, ସାଙ୍ଗ ଏବଂ ଉପଦେଶଦାତା ଆଦିମାନଙ୍କର ସାହାଯ୍ୟ ନିଅ ।
- ସହଗୋଷ୍ଠୀ ଚାପକୁ 'ନା' କରିବାର ସାହାସ ରଖ ।
- ସ୍ୱତନ୍ତ୍ର ଯତ୍ନ ଆବଶ୍ୟକ କରୁଥିବାଲୋକ ତଥା ଏଚ୍.ଆଇ.ଭି / ଏଡ଼ସ୍ ସଂକ୍ରମିତ ଲୋକମାନଙ୍କ ପ୍ରତି ଯତ୍ନବାନ ଓ ଦାୟାବାନ ହୁଅ ।
- ସ୍ୱର୍ଶକାତର ପ୍ରଜନନ ସ୍ୱାସ୍ଥ୍ୟ ବିଷୟରେ ତଥ୍ୟ ବାଣ୍ଟ ।